## କ୍ୟାନ୍ସର ହସ୍ପିଟାଲ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବଢ଼ିଲା

**କଟକ ଅଫିସ:** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ସେ ଆସନ୍ତା ମାସ ୨ ତାରିଖରେ ଅବସର ନେବାକୁ ଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତାଙ୍କ କାର୍ଯ୍ୟକାଳ ୨୦ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ସରକାରଙ୍କ ଏହି ନିଷ୍ପତ୍ତି ନେଇ ଡା. ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଏଠାକୁ ୨୦୧୫ରେ ଆସିଥିଲେ। ସେବେଠାରୁ ସେ ଓ ତାଙ୍କ ଟିମ୍ ପୋଷ୍ଟ ସର୍ଜରୀ ୱାର୍ଡ, ଆଇସିୟୁ, ସ୍ନାତକୋତ୍ତର ଶିକ୍ଷା ଆଦି ପ୍ରଚଳନ କରିବା କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଥିଲେ। ବର୍ଦ୍ଧିତ ଅବଧିର ଉପଯୁକ୍ତ ବିନିଯୋଗ କରିବେ।

### ସଂକ୍ଷେପରେ

## ଏକାମ୍ର ଅଞ୍ଚଳର ୪ଜଣ ପ୍ଲାଜ୍ମା ଦାନ କଲେ

**ପୁରୁଣା ଭୁବନେଶ୍ୱର,୧୯।୮(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ମୁକାବିଲା କ୍ଷେତ୍ରରେ ପ୍ଲାଜ୍ମା ବିଶଲ୍ୟକରଣୀ ପାଲଟିଛି। ତେବେ କରୋନାରୁ ସୁସ୍ଥ ଲୋକଙ୍କୁ ପ୍ଲାଜ୍ମା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏହି କ୍ଷେତ୍ରରେ ବୁଧବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର ଅଞ୍ଚଳର ୪ଜଣ ବ୍ୟକ୍ତିଙ୍କୁ ପ୍ଲାଜ୍ମା ଦାନ କରିବା ପାଇଁ ଆଗ୍ରହ ସୃଷ୍ଟି କରାଇଛନ୍ତି। ଏହି ୪ଜଣ ବ୍ୟକ୍ତି କିଛିଦିନ ତଳେ କୋଭିଡ୍ ପଜିଟିଭରୁ ସୁସ୍ଥ ହୋଇଥିଲେ। ବୁଧବାର ମନ୍ତ୍ରୀ ସେମାନଙ୍କୁ ନେଇ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ସେଠାରେ ପ୍ଲାଜ୍ମାଦାତାଙ୍କୁ ଉତ୍ସାହିତ କରିବା ସହ ପ୍ଲାଜ୍ମା ଗ୍ରହଣ କରାଯାଇଥିଲା। ଏହି ଅବସରରେ ହସ୍ପିଟାଲ ନିର୍ଦ୍ଦେଶକ ଡ.ଲକ୍ଷ୍ମୀଧର ସାହୁ, ବ୍ଲଡ ବ୍ୟାଙ୍କର ଦେବାଶିଷ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ୍

**ପିପିଲି,୧୯।୮(ସ୍ୱ.ପ୍ର.):** ପିପିଲି ଥାନା କଣ୍ଟି ପଞ୍ଚାୟତ ନିଜିଗଡକୁରୁଖି ଗ୍ରାମ ପାହାଡ ତଳେ ଥିବା କୁରୁଖେଶ୍ୱର ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ୍ ହୋଇଯାଇଛି। ବୁଧବାର ସକାଳୁ ପୂଜାରୀ ମନ୍ଦିର କବାଟ ଖୋଲିବାବେଳେ ଦାନବାକ୍ସ ଭାଙ୍ଗିଯାଇଥିବା ଦେଖିଥିଲେ। ଏ ନେଇ ଗ୍ରାମବାସୀଙ୍କୁ ଜଣାଇବା ପରେ ପୂଜା କମିଟି ଆସି ଦେଖିଥିଲେ। ମଙ୍ଗଳବାର ରାତିରେ ବର୍ଷା ଲାଗିରହି ଥିବା ବେଳେ ଏହାର ସୁଯୋଗ ନେଇ କେତେଜଣ ଲୁଟେରା ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ଏଯାବତ ଥାନାରେ ଚୋରି ଘଟଣା ନେଇ ଅଭିଯୋଗ ହୋଇ ନ ଥିବା ସରପଞ୍ଚ ପ୍ରକାଶ ଧଳ କହିଛନ୍ତି। ଏଥିସହ ଗୁରୁବାର କମିଟି ନିଷ୍ପତ୍ତି ଅନୁସାରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

## ହୋମଗାର୍ଡଙ୍କୁ ଆକ୍ରମଣ, ୨ ଗିରଫ

**ଡେଲାଙ୍ଗ,୧୯।୮(ଡି.ଏନ୍.ଏ.):** ଡେଲାଙ୍ଗ ଥାନାର ଜଣେ ହୋମଗାର୍ଡଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅଧୀନ ହୁମର ଗ୍ରାମର ସର୍ବେଶ୍ୱର ବରାଳ (୨୬) ଓ ସୁନୀଲ ମଲ୍ଲିକ (୨୧)। ସୂଚନା ଅନୁଯାୟୀ, ଜୁନରେ ହୁମର ଗ୍ରାମରେ ସର୍ବେଶ୍ୱର ଓ ସୁନୀଲଙ୍କ ସହ ଅନ୍ୟ କେତେଜଣ କ୍ରିକେଟ ଟୁର୍ନାମେଣ୍ଟ କରୁଥିବାର ପୋଲିସ ନିକଟରେ ଲୋକେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ଆସିଥିବାବେଳେ ହୋମଗାର୍ଡ ଶଶାଙ୍କ କୁମାର ଛାଟୋଇ ଯାଇ ଖେଳ ବନ୍ଦ କରିବା ପାଇଁ କହିଥିଲେ। ସେହିଦିନଠାରୁ ରାଗ ରଖିଥିବାବେଳେ ସୋମବାର ସନ୍ଧ୍ୟାରେ ହୋମଗାର୍ଡ ଶଶାଙ୍କଙ୍କୁ ଡେଲାଙ୍ଗ ଷ୍ଟେଶନ ବଜାର ଭିତରେ ଦେଖି ସର୍ବେଶ୍ୱର, ସୁନୀଲ ଆକ୍ରମଣ କରିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କୁ କାବୁ କରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଥାନାକୁ ନେଇଥିଲା। ହୋମଗାର୍ଡଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୨୦/୨୦)ରେ ରୁଜୁ କରି ପଚରାଉଚରା କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲଣ କରାଯାଇଥିବା ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୨ଲକ୍ଷ ଲୁଟିନେଲେ ସାଇବର ଅପରାଧୀ

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** କ୍ରେଡିଟ୍ କାର୍ଡ ପିନ୍ ଦେବା ଆଳରେ ସାଇବର ଅପରାଧୀମାନେ ୨ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରହୁଥିବା ଭାଗ୍ୟଧର ପଶୁପାଳ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଭାଗ୍ୟଧର ମଞ୍ଚେଶ୍ୱର ଆକ୍ସିସ ବ୍ୟାଙ୍କ୍ ଶାଖାର ଜଣେ ଗ୍ରାହକ ଥିବାବେଳେ ସେ ଉକ୍ତ ବ୍ୟାଙ୍କରୁ କ୍ରେଡିଟ କାର୍ଡ ନେଇଥିଲେ। କ୍ରେଡିଟ କାର୍ଡଟି କୋରିଅର ମାଧ୍ୟମରେ ପହଞ୍ଚିଥିଲେ ମଧ୍ୟ ପିନ୍ ନ ଥିଲା। ଏହା ଉପରେ ନଜର ରଖୁଥିବା ସାଇବର ଅପରାଧୀମାନେ ତାଙ୍କୁ ଫୋନ୍‌ରେ ଯୋଗାଯୋଗ କରି ନିଜକୁ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ପିନ୍ ପାଇଁ କ୍ରେଡିଟ କାର୍ଡର ନମ୍ବର ମାଗିଥିଲେ। ପରେ ପୁଣି ଫୋନ କରି ଓଟିପି ମାଗି ନେଇଥିଲେ। ଜୁନ ୧୬ରୁ ମାସକ ମଧ୍ୟରେ ଭାଗ୍ୟଧରଙ୍କ କ୍ରେଡିଟ କାର୍ଡରୁ ସାଇବର ଅପରାଧୀମାନେ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ନାନା ଉପାୟରେ ତଥ୍ୟ ନେଇ ୧ ଲକ୍ଷ ୯୯ ହଜାର ୮୭୯ ଟଙ୍କା ଲୁଟି ନେଇଥିଲେ। ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଜତୀନ୍ଦ୍ର ନାଥ ସେଠୀ କହିଛନ୍ତି।

# ବଢୁଛି ଆପରାଧିକ କାର୍ଯ୍ୟକଳାପ

**ପୁରୀ ଅଫିସ,୧୯।୮**

### ଏସ୍‌ପିଙ୍କ ଚେତାବନୀକୁ ଫୁ'

ପୁରୀରେ କୌଣସି ପ୍ରକାର ଅପରାଧକୁ ବରଦାସ୍ତ କରାଯିବ ନାହିଁ। ଆଧ୍ୟାତ୍ମିକ ସହର ପୁରୀରେ ଅପରାଧ କିମ୍ବା ଅପରାଧୀଙ୍କ କୌଣସି ସ୍ଥାନ ନାହିଁ। ଅପରାଧୀ ଯିଏ ବି ହୁଅନ୍ତୁ ନା କାହିଁକି କାହାକୁ ଛଡ଼ାଯିବ ନାହିଁ। ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ଜିଲାର ଅପରାଧୀ ଅପରାଧ ନଚେତ ପୁରୀ ଛାଡ଼ିଦିଅନ୍ତୁ। ଜିଲାର ପୋଲିସ ମୁଖିଆ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତମାସ ୨୧ ତାରିଖରେ ଅପରାଧୀଙ୍କୁ ଏମିତି ଢଙ୍ଗରେ କଡ଼ା ଚେତାବନୀ ଦେଇଥିଲେ ଏସ୍‌ପି ଅଖିଳେଶ୍ୱର ସିଂ। କିନ୍ତୁ ଏହି ଚେତାବନୀକୁ ସତେଯେମିତି ଫୁ' କରିଛନ୍ତି ଅପରାଧୀ। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଘଟାଇଚାଲିଛନ୍ତି ଏକାଧିକ ଆପରାଧିକ କାର୍ଯ୍ୟକଳାପ। ନୂଆ ଏସ୍‌ପିଙ୍କ ଯୋଗଦାନ ପରେ ଜିଲାରେ ବାଇକ୍ ଲୁଟେରା ଗ୍ୟାଙ୍ଗ, ହାଇପ୍ରୋଫାଇଲ ଜୁଆଡ଼ି ଧରାପଡ଼ିବା ସହ ୫୦ରୁ ଊର୍ଦ୍ଧ୍ୱ ବାଇକ୍ ଜବତ କରାଯାଇଥିଲେ ସୁଦ୍ଧା ଚୋରି, ଡକାୟତି, ଜୁଆଖେଳ, ଶଟର ତାଡ଼ି ଲୁଟ୍ ଭଳି ଅପରାଧ ବଢ଼ିବାରେ ଲାଗିଛି। ଏପରି କି ପୋଲିସକୁ ଆକ୍ରମଣ କରିବା, ଅଟକ ରଖିବା ସହ ସର୍ଭିସ ବନ୍ଧୁକ ମଧ୍ୟ ଛଡ଼ାଇ ନେଉଛନ୍ତି। ସେହିପରି କୋଭିଡ୍ ସଂକ୍ରମିତଙ୍କୁ ଆଣିବାକୁ ଯାଇ କେତେକ ସ୍ଥାନରେ ଆକ୍ରମଣର ଶିକାର ହୋଇଛନ୍ତି କରୋନା ଯୋଦ୍ଧା।

ଜୁଲାଇ ୨୦ରେ ବାଲୁଖଣ୍ଡ ଅଭୟାରଣ୍ୟରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ହୋଇଥିଲା। ଉକ୍ତ ଘଟଣାର ୪ଦିନ ପରେ ଅର୍ଥାତ ୨୪ତାରିଖ ରାତି ପ୍ରାୟ ୧୨ଟାରେ କାକଟପୁର ଥାନା ଭଣ୍ଡିସାହି ଗାଁରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା କାକଟପୁର ପୋଲିସ। ଜୁଆଡ଼ିମାନେ ଛତ୍ରଭଙ୍ଗ ଦେଇଥିବାବେଳେ ପୋଲିସ ୪ ଜଣଙ୍କୁ କାବୁ କରିଥିଲା। ମାତ୍ର ସେମାନଙ୍କୁ ଥାନାକୁ ନେବାବେଳେ ଅଭିଯୁକ୍ତଙ୍କ ସମ୍ପର୍କୀୟ ପୋଲିସ ଗାଡ଼ିକୁ ଅଟକାଇବା ସହ ଆକ୍ରମଣ କରି ସର୍ଭିସ ବନ୍ଧୁକ ଓ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଆକ୍ରମଣରେ ଏଏସ୍‌ଆଇ ସୂର୍ଯ୍ୟମଣି ମାଝି, ହୋମ୍‌ଗାର୍ଡ ପ୍ରମୋଦ କାଣ୍ଡି ଆହତ ହୋଇଥିଲେ। ୨୬ ତାରିଖରେ ପେଣ୍ଠକଟାରେ କରୋନା ସଂକ୍ରମିତଙ୍କୁ ହସ୍ପିଟାଲ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ସହ ପୋଲିସର ଛକାପଞ୍ଝା ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ପଜିଟିଭ ରିପୋର୍ଟ ଦେଖାଇବା ଦାବି କରି ଯୁକ୍ତିତର୍କ କରିଥିଲେ। ଏପରି କି କରୋନା ସଂକ୍ରମିତଙ୍କୁ ଛଡ଼ାଇ ନେବା ସହ ପୋଲିସ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରିଥିଲେ। ସେହିପରି ଅଗଷ୍ଟ ୬ରେ ଗୋପ ଥାନା ପୋଲିସ ଏକ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ରେତୁଆ ଗାଁକୁ ଯାଇଥିଲା। ମାତ୍ର ତାହା ମିଥ୍ୟା ଅଭିଯୋଗ ହୋଇଥିବା କହି ଗ୍ରାମବାସୀ ଅଭିଯୁକ୍ତଙ୍କୁ ଛାଡ଼ି ନ ଥିଲେ। ବରଂ ୨ ଏଏସ୍‌ଆଇଙ୍କ ସହ ୧୦ ପୋଲିସ କର୍ମୀଙ୍କୁ ୬ଘଣ୍ଟା ଅଟକ ରଖିଥିଲେ। କେବଳ ଏତିକି ନୁହେଁ ଗତ ୨୭ ଦିନ ମଧ୍ୟରେ ଅନେକ ଅପରାଧମୂଳକ ଘଟଣା ଜିଲାରେ ଘଟିଛି। ଆପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ଚେଷ୍ଟା କରାଯାଉଥିଲେ ହେଁ ଏହା ରୋକାଯାଇ ପାରୁ ନାହିଁ। ଏ ସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି, ପୁରୀରେ ଯୋଗଦେବାର ମାସଟିଏ ହୋଇନାହିଁ । ଏକାଦିନେ ଜିଲାକୁ ଅପରାଧମୁକ୍ତ କରିହେବ ନାହିଁ। ସମୟ ଲାଗିବ। ୪/୬ ମାସ ପରେ ନିଶ୍ଚିତ ଫରକ କ'ଣ ଲୋକେ ଜାଣିପାରିବେ ବୋଲି ସିଂ କହିଛନ୍ତି।



ଜଣେ ମହିଳା ଛାଞ୍ଚ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

## ନଡ଼ାବନ୍ଧା ବଦଳରେ ଛାଞ୍ଚ ମୂର୍ତ୍ତିକୁ ଭରସା

**ବାଲିଅନ୍ତା,୧୯।୮(ଡି.ଏନ.ଏ.)**

### ଚିନ୍ତାରେ ମୂର୍ତ୍ତି କାରିଗର

କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖି ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ଗଣେଶ ପୂଜା ପାଳନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଛି। ସର୍ବସାଧାରଣ ସ୍ଥାନରେ ପୂଜାକୁ ବାରଣ କରାଯିବା ଯୋଗୁ ବିଶେଷ ଭାବେ ମୂର୍ତ୍ତି କାରିଗରଙ୍କ ଉପରେ ଚଡ଼କ ପଡ଼ିଛି। କରୋନା ସଂକ୍ରମଣ ଯୋଗୁ ୫ ମାସ ହେବ ହାତବାନ୍ଧି ବସିଥିବା ମୂର୍ତ୍ତି କାରିଗର ଚଳିତ ପୂଜା ସିଜନରେ ଦି ପଇସା ରୋଜଗାର ପାଇଁ ଆଶା ବାନ୍ଧିଥିଲେ। ଏଥିପାଇଁ ପ୍ରାୟ ସ୍ଥାନରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଥିଲେ। କିନ୍ତୁ ପ୍ରଶାସନର କଟକଣା ପରେ ବାଲିଅନ୍ତା ଅଞ୍ଚଳର କାରିଗରମାନେ ଚିନ୍ତାରେ ପଡ଼ିଛନ୍ତି। ବଡ଼ ମୂର୍ତ୍ତି(ନଡ଼ାବନ୍ଧା) ତିଆରି କରୁଥିବା କାରିଗରମାନେ ଏବେ ସଙ୍କଟରେ ପଡ଼ିଛନ୍ତି। ଏତେ ପରିଶ୍ରମ କରି ବଡ଼ ମୂର୍ତ୍ତି ତିଆରି କରିଥିବା କାରିଗରମାନେ ଏବେ ଛୋଟ ଛାଞ୍ଚ ତିଆରି ମୂର୍ତ୍ତି ଉପରେ ଭରସା କରିଛନ୍ତି। ଭିଙ୍ଗାରପୁରର ମହିଳା ମୂର୍ତ୍ତି କାରିଗର ଖୋଲଣା ମୁଦୁଲି କୁହନ୍ତି, ପୂଜା ଉପରେ କଟକଣା ଲଗାଇ ସରକାର ଆକମର ରୋଜଗାର ଛଡ଼ାଇ ନେଇଯାଇଛନ୍ତି। ଧାରକରଜ କରି ବଡ଼ ମୂର୍ତ୍ତି ତିଆରି କରିଥିଲୁ। କିନ୍ତୁ ଏବେ ସର୍ବସାଧାରଣ ସ୍ଥାନରେ ପୂଜା ବନ୍ଦ ଯୋଗୁ ଆମେ କ୍ଷତିଗ୍ରସ୍ତ ହେଲୁ। ମୂର୍ତ୍ତି ପାଇଁ ନା ଅର୍ଡର ଅଛି, ନା ଆଡଭାନ୍ସ, ଏବେ କିଭଳି ବଞ୍ଚିବୁ ବୋଲି ସେ କହିଛନ୍ତି। ସେହିପରି କାରିଗର ବେଣୁଧର ମୁଦୁଲି କୁହନ୍ତି, ଗଣେଶ ପୂଜା ପାଇଁ ପ୍ରତିବର୍ଷ ଏଠାରୁ ଭୁବନେଶ୍ୱର ମୂର୍ତ୍ତି ଯାଇଥାଏ। କିନ୍ତୁ ସହରରେ ପୂଜା କଟକଣା ଯୋଗୁ ମୂର୍ତ୍ତି ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ରହିଛି। ବର୍ଷଯାକର ରୋଜଗାର ଠପ୍ ହୋଇଗଲା। ବାଲିଅନ୍ତା ବଜାରର ମୂର୍ତ୍ତି କାରିଗର କୈଳାସ ବେହେରା କୁହନ୍ତି, ଗଣେଶ ପୂଜାରେ ଲକ୍ଷାଧିକ ଟଙ୍କାର ମୂର୍ତ୍ତି ବ୍ୟବସାୟୀ ହୁଏ। କିନ୍ତୁ ଚଳିତବର୍ଷ ମୂର୍ତ୍ତି ପାଇଁ କେହି ଆସୁ ନାହାନ୍ତି। ଭଗବାନ ଦଳ ବେହେରା କୁହନ୍ତି, ଗଣେଶ ପୂଜା ପାଇଁ ଭଲ ରୋଜଗାର ହୋଇଥାନ୍ତା। କିନ୍ତୁ ପ୍ରଶାସନର କଟକଣା ଯୋଗୁ ସବୁ ଆଶା ମଉଳିଗଲା। ଏବେ ସଂସାର ଚଳାଇବା କଷ୍ଟକର ହୋଇପଡ଼ିଛି।

## ବଗଲା ଧର୍ମଶାଳା ଜମି ବିକ୍ରି ସରକାରଙ୍କ ନିଷ୍ପତ୍ତି

**ପୁରୀ ଅଫିସ,୧୯।୮**

### ପୁନର୍ବିଚାର ହେବା ଦରକାର: ମହେଶ୍ୱର

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ବିସ୍ଥାପିତ ହୋଇଥିବା ଲଜ୍ ମାଲିକଙ୍କୁ ବଗଲା ଧର୍ମଶାଳା ଜମି ବିକ୍ରି କରାଯାଇଛି। ୬ଜଣ ଲଜ୍ ମାଲିକଙ୍କୁ ଜିଲା ପ୍ରଶାସନ ୩୪୦ ଡେସିମିଲ ଜମି ବିକ୍ରି କରିଛି। ତେବେ ଏହାକୁ ପ୍ଲଟିଂ କରି ଜିଲାପାଳ ବିକ୍ରି କରିଦେଇଥିବା ନେଇ ଯେଉଁ ଅଭିଯୋଗ ଉଠୁଛି ତାହା ଠିକ୍ ନୁହେଁ ବୋଲି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଅତିରିକ୍ତ ଜିଲାପାଳ କହିଛନ୍ତି, ବଗଲା ଧର୍ମଶାଳା ବିକ୍ରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ହୋଇଛି। ସେହିପରି ଲଜିଂ ହାଉସ୍ ଫଣ୍ଡ କମିଟି ଆକ୍ଟ ୨୦୧୮ ସେପ୍ଟେମ୍ବରରେ ଉଚ୍ଛେଦ ହୋଇଯାଇଛି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିରର ୭୫ମିଟର ଚୌହଦି ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିଥିବା ଲଜ୍ ମାଲିକଙ୍କ ପାଇଁ ବଡ଼ଦାଣ୍ଡରେ ଜାଗା ଦେବାକୁ ହିଁ ବଗଲା ଧର୍ମଶାଳା ଜମିକୁ ବଛାଯାଇଥିଲା। ତେଣୁ ସେହି ମାଲିକମାନଙ୍କୁ ଧର୍ମଶାଳା ଜମି ବିକ୍ରି କବଲା କରାଯାଇଛି ବୋଲି ଦାଶ କହିଛନ୍ତି।

ଅନ୍ୟପକ୍ଷରେ ବଗଲା ଧର୍ମଶାଳା ଜମି ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ହେବା ଦରକାର ବୋଲି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ବଡ଼ଦାଣ୍ଡରେ ଥିବା ଏହି ଏକମାତ୍ର ସରକାରୀ ଧର୍ମଶାଳା ବହୁ ଦଶନ୍ଧି ଧରି ଗରିବ ଓ ନିମ୍ନ ମଧ୍ୟବିତ୍ତ ଭକ୍ତ ଏବଂ ଯାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲା। ତେଣୁ ଏହାର ପୁନର୍ବିଚାର କରାଯାଉ ବୋଲି ମହେଶ୍ୱର କହିଛନ୍ତି।

## ବାରଙ୍ଗରେ ୧୦୪ ଜଣଙ୍କ କୋଭିଡ୍ ଟେଷ୍ଟ

**ନରାଜ,୧୯।୮ (ଡି.ଏନ୍.ଏ.)**

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଝୁନଝୁନୱାଲା ବିଦ୍ୟାପୀଠ ପରିସରରେ ବୁଧବାର ୧୦୪ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୦୦ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିବା ବେଳେ ୪ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ବିଡିଓ ପ୍ରଭାକର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହୀଧରପଡା ମେଡିକାଲ ଅଫିସର, ସ୍ୱାସ୍ଥ୍ୟବିଭାଗ ଟିମ୍ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



କରୋନା ଯୋଗୁ ପୁରୀ ବଡ଼ଦାଣ୍ଡ ଚତୁଃପାର୍ଶ୍ୱ ଉଚ୍ଛେଦ କାମ ଅଧାରେ ଅଟକିଛି।

## ବିକାଶରେ କରୋନା ସାଜିଛି କଣ୍ଟା

### ପୁରୀରେ ଉଚ୍ଛେଦକୁ ବର୍ଷେ ପୂରିଲା

**ପୁରୀ ଅଫିସ,୧୯।୮**

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଏହାର ରୂପରେଖ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ସେବା ସୁବିଧା ମିଳିବ। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଥାକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବ। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି (ଶ୍ରୀମନ୍ଦିର ସୁରକ୍ଷା ଜୋନ) ମଧ୍ୟରେ ଥିବା ଜାଗା ଖାଲି କରାଯିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ଗତବର୍ଷ ଅଗଷ୍ଟ ୧୯ ତାରିଖରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ମେଘନାଦ ପାଚେରିକୁ ଲାଗି ରହିଥିବା ନିର୍ମାଣ ଉଚ୍ଛେଦ କରାଯାଇଥିଲା। ସେହିଦିନ ପ୍ରଥମେ ଦକ୍ଷିଣ ପାର୍ଶ୍ୱରୁ ଭଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା। ଖଜା ଦୋକାନ, ଦୁଇ ମହଲା ବିଶିଷ୍ଟ ଶୌଚାଳୟ, କ୍ଲୋକ୍ ରୁମ୍, ଜୋତା ଷ୍ଟାଣ୍ଡ, ପିଏଚ୍‌ଡି ପମ୍ପ ହାଉସ୍ ପ୍ରଭୃତି ଭଙ୍ଗାଯାଇଥିଲା। ଶୌଚାଳୟ ପାଖରେ ମେଘନାଦ ପାଚେରିକୁ ଲାଗି ଗଦା ହୋଇଥିବା ଅଳିଆ ଆବର୍ଜନା ମଧ୍ୟ ସଫା କରାଯାଇଥିଲା। ଏହାପରେ ସିଂହଦ୍ୱାର ନିକଟ ଅର୍ଥାତ୍ ପୂର୍ବପାର୍ଶ୍ୱରେ ଥିବା ବିଭିନ୍ନ ନିର୍ମାଣ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା କେନ୍ଦ୍ର, ସିଂହଦ୍ୱାର ପୋଲିସ ଫାଣ୍ଡି, ପଶ୍ଚିମ ପାର୍ଶ୍ୱରେ ଥିବା ସେସୁ ଅଫିସ, ଶ୍ରୀମନ୍ଦିର ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଶୌଚାଳୟକୁ ଭଙ୍ଗାଯାଇଥିଲା। ବୁଧବାର ଏହି ଉଚ୍ଛେଦ ଅଭିଯାନକୁ ବର୍ଷେ ପୂରିଯାଇଛି। ଅନେକ ପୁରାତନ ମଠ, ମନ୍ଦିର, ମାର୍କେଟ କମ୍ପ୍ଲେକ୍ସ, ବ୍ୟବସାୟ ପ୍ରତିଷ୍ଠାନ, ଘରଦ୍ୱାର ଉଚ୍ଛେଦ କରାଯାଇଛି। କିନ୍ତୁ କାମ ସରିନାହିଁ। ତେବେ କରୋନା ପାଇଁ ଗତ ମାର୍ଚ୍ଚ ୧୫ରୁ ଉଚ୍ଛେଦ ଅଭିଯାନ ବନ୍ଦ ରହିଛି। ଫଳରେ ଆଗେଇ ପାରିନି ଶ୍ରୀମନ୍ଦିର ଐତିହ୍ୟ କରିଡ଼ର କାମ। ସେହିପରି ଗତ ଜାନୁୟାରୀ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିବା ୭ଟି ମେଗା ପ୍ରକଳ୍ପ ସାଙ୍ଗକୁ ସ୍ୱର୍ଗଦ୍ୱାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବି କରୋନା ପାଇଁ ବାଧାପ୍ରାପ୍ତ ହୋଇଛି।

## ଏସ୍‌ସିବି ଅଧୀକ୍ଷକଙ୍କ ପରେ ଅଧ୍ୟକ୍ଷଙ୍କ ଅଫିସରେ କରୋନା

**କଟକ ଅଫିସ,୧୯।୮**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଗତ ୧୨ ତାରିଖରେ କରୋନା ଆକ୍ରାନ୍ତ ହୋଇଥିଲେ। ଏହାପରେ ସେଠାରୁ ଲଗାତର ଦୁଇ ଦିନରେ ଆଉ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କ କାର୍ଯ୍ୟାଳୟ ପରେ ଏବେ ଏସ୍‌ସିବି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ କରୋନା ଛୁଇଁଛି। ବୁଧବାର ଏଠାରୁ ୩ଜଣ କିରାଣି ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଏସ୍‌ସିବି କାର୍ଡିଓଲୋଜି ବିଭାଗର ଜଣେ ପିଜି ଛାତ୍ର ଓ ମେଡିସିନ ବିଭାଗରୁ ଆଉ ଜଣେ ପିଜିଛାତ୍ର କରୋନା ଭୂତାଣୁର ଶିକାର ହୋଇଛନ୍ତି। ଏହା ବ୍ୟତୀତ ଜଣେ ଇ-ରିକ୍ସା ଚାଳକ ଓ ରୁ୍ୟମାଟୋଲୋଜି ବିଭାଗର ଜଣେ ଆଟେଣ୍ଡାଣ୍ଟ, ଆଇସୋଲେଶନ ୱାର୍ଡର ଜଣେ ସେବିକାଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଛି। ଆଇସୋଲେଶନ ୱାର୍ଡରୁ ୧୪, ପଲମୋନାରୀ ମେଡିସିନ ବିଭାଗରୁ ୩ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି।

## ୧୫ ପଦବୀ ଖାଲି: ଉନ୍ନୟନ କାର୍ଯ୍ୟ ଠପ୍

**ବୋଲଗଡ଼ ୧୯।୮(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ପ୍ରାୟ ୧୫ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଫଳରେ ଉନ୍ନୟନ ଏବଂ ଅଫିସ୍ କାର୍ଯ୍ୟ ସମେତ ସରକାରୀ ଯୋଜନା ରୂପାୟନ ବାଧାପ୍ରାପ୍ତ ହେଉଛି। ଲୋକେ ବ୍ଲକ ଅଫିସ୍‌କୁ ଆସି କାମ ହୋଇପାରୁ ନ ଥିବାରୁ ନିରାଶରେ ଫେରୁଛନ୍ତି। ଏଠାରେ ଥିବା ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ ବଦଳି ପରଠୁ ଏପର୍ଯ୍ୟନ୍ତ ନୂତନ ବିଡିଓ ଯୋଗଦେଇନାହାନ୍ତି। ସେହିପରି ଏବିଡିଓ ରତିକାନ୍ତ ମିଶ୍ରଙ୍କୁ ବେଗୁନିଆ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇ ଡେପୁଟେଶନରେ ପଠାଯାଇଛି। ବ୍ଲକ ମତ୍ସ୍ୟ ଅଧିକାରୀ ପଦବୀ ପ୍ରାୟ ଏକବର୍ଷ ଧରି ଖାଲି ପଡ଼ିଥିବାରୁ ମତ୍ସ୍ୟଚାଷୀମାନେ ସରକାରୀ ପରାମର୍ଶ ଓ ସୁବିଧା ପାଇପାରୁନାହାନ୍ତି। ବ୍ଲକ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ଏବଂ ପିଏ (ପ୍ରୋଗ୍ରେସିଭ ଆସିଷ୍ଟାଣ୍ଟ) ପଦବୀ ପ୍ରାୟ ଦୁଇବର୍ଷ ହେଲା ଖାଲିପଡ଼ିଛି। ୧୯ଟି ପଞ୍ଚାୟତକୁ ନେଇ ବୋଲଗଡ଼ ବ୍ଲକ ଗଠିତ। ପ୍ରତି ପଞ୍ଚାୟତ ପାଇଁ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବା କଥା। ୧୨ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିବା ବେଳେ ୭ଟି ପଦବୀ ଶୂନ୍ୟ ପଡ଼ିଛି।

## ନୂଆପଡ଼ା ୭୨ ଘଣ୍ଟା ଶଟ୍‌ଡାଉନ୍

**ଖୋର୍ଦ୍ଧା ଅଫିସ,୧୯।୮**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମଲିପୁର ପଞ୍ଚାୟତ ନୂଆପଡା ଗ୍ରାମରୁ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ସରପଞ୍ଚ ବିଜୟ କୁମାର ଦାସ ଜିଲାପାଳ କ୍ଷମତା ପ୍ରୟୋଗ କରି ଏହି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାର ସନ୍ଧ୍ୟା ୭ରୁ ଶନିବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୭୨ଘଣ୍ଟା ଲାଗି ଗ୍ରାମବାସୀଙ୍କ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ଉକ୍ତ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରାଯାଇଛି ବୋଲି ସରପଞ୍ଚ ଦାସ କହିଛନ୍ତି। ଏହି ଗ୍ରାମର କୌଣସି ବାସିନ୍ଦା ବିନା କାରଣରେ ପଦାକୁ ବାହାରିବେ ନାହିଁ କି ବାହାର ଲୋକେ ଏହି ଗ୍ରାମକୁ ପ୍ରବେଶ କରିବେ ନାହିଁ। ଏଥିସହିତ କୌଣସି ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ସମାବେଶ ହୋଇପାରିବ ନାହିଁ ବୋଲି ସରପଞ୍ଚ ଦାସ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ପରମହଂସ, ନିମେଇସାପୁରରେ ଶଟ୍‌ଡାଉନ

**କଟକ ସଦର,୧୯।୮(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ହାଟସାହି ଗ୍ରାମରେ ୨ଜଣ କରୋନା ପଜିଟିଭ ମଙ୍ଗଳବାର ଚିହ୍ନଟ ହୋଇଥିଲେ। ତେଣୁ ସଂକ୍ରମଣ ରୋକିବା ପାଇଁ ସରପଞ୍ଚ ମିନତି ବେହେରା ପଞ୍ଚାୟତର ମଉଗଜପୁର ଓ ହାଟସାହି ଗ୍ରାମକୁ ବୁଧବାରଠାରୁ ସୋମବାର ସକାଳ ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ନିମେଇସାପୁର ପଞ୍ଚାୟତର ଦେଓପୁର ଗ୍ରାମରେ ଜଣେ ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ୭ ଓ ୮ନଂ. ୱାର୍ଡକୁ ବୁଧବାରରୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି।

## ଜେଲରେ ସକିଲ, ଫୋନ୍‌ରେ ମାଗୁଛନ୍ତି ଦାଦାବଟି

**କଟକ ଅଫିସ,୧୯।୮**

### ସକିଲଙ୍କ ୪ ସହଯୋଗୀ ଗିରଫ

ଦୁର୍ଦ୍ଧାନ୍ତ ଅପରାଧୀ ସକିଲ ଅହମ୍ମଦ ଓରଫ ମହମ୍ମଦ ସକିଲ ଏବେ କେନ୍ଦୁଝର ଜେଲରେ ରହିଛନ୍ତି। କିଛି ଦିନ ତଳେ ପୋଲିସ କମିଶନରଙ୍କ ନିର୍ଦ୍ଦେଶରେ ସକିଲଙ୍କ ଉପରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲଗାଯାଇଥିଲା। କୌଣସି ଅପରାଧିକ କାର୍ଯ୍ୟକଳାପ ଯୋଜନା କରୁଥିବା ସନ୍ଦେହ କରି ପୋଲିସ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ତଥାପି ଜେଲ ଭିତରେ ରହି ଫୋନ ଯୋଗେ ସକିଲ ଦାଦାବଟି ଆଦାୟ କରୁଛନ୍ତି। କ୍ୟାଣ୍ଟନମେଣ୍ଟ ଥାନାରେ ଏ ନେଇ ଏକ ଅଭିଯୋଗ ହେବା ପରେ ପୋଲିସ ବୁଧବାର ସକିଲଙ୍କ ୪ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପିଣ୍ଟୁ ଓରଫ ମହମ୍ମଦ ଆସିଫ (୨୮), ଟିକୁ ଓରଫ ଦିଲନୱାଜ ଖାନ (୨୮), ମୁନା ଓରଫ ସୟଦ ରେହମାନ ଅଲ୍ଲୀ (୨୮) ଓ ମହମ୍ମଦ ଜାଭେଦ (୩୧)। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ସ୍କୁଟି (ଓଡି୦୫ ଏଏଫ୍ ୧୪୬୧) ଓ ୫ଟି ମୋବାଇଲ ଜବତ ହୋଇଛି।




ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ, ବନ୍ଧୁକ।

ପୋଲିସ ସୂଚନା ଅନୁଯାୟୀ, ପେନସନ ଲେନର ମୀର ମହମ୍ମଦ ରାଜା ଗତ ୧୬ ତାରିଖରେ ଦେଇଥିବା ଏତଲାରେ ଦର୍ଶାଇଥିଲେ ଯେ, ତାଙ୍କର 'ବାବୁ ଇଲେକଟ୍ରୋନିକ୍ସ' ନାମରେ ଏକ ମୋବାଇଲ ସରଞ୍ଜାମର ହୋଲସେଲ କାଉଣ୍ଟର ରହିଛି। ୧୩ ତାରିଖ ଅପରାହ୍ଣ ପ୍ରାୟ ୪ଟାରେ ପିଣ୍ଟୁ ଓ ଟିକୁ ତାଙ୍କ କାଉଣ୍ଟରରେ ପହଞ୍ଚି ୧ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ପରେ ଫୋନ କରି ସକିଲଙ୍କ ସହ କଥା କରାଇଥିଲେ। ୨୪ ଘଣ୍ଟା ଭିତରେ ଦାବି ମୁତାବକ ଟଙ୍କା ନ ଦେଲେ ଜୀବନରୁ ମାରି ଦିଆଯିବ ବୋଲି ରାଜାଙ୍କୁ ଧମକ ମିଳିଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି କେସ ନଂ ୮୯/୨୦, ଆଇପିସିର ୩୮୬, ୩୮୭, ୧୨୦(ବି), ୫୦୬, ୫୦୭, ୩୪ ଓ ୨୫/୨୭ ଆର୍ମ୍ସ ଆକ୍ଟରେ ଏକ ମାମଲା ରୁଜୁ କରିଥିଲା। ଅଭିଯୋଗକାରୀଙ୍କ ବୟାନ ଓ କାଉଣ୍ଟରରେ ଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବୁଧବାର ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ କଟକର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଅଗଷ୍ଟ, ୨୦୨୦



## ଡାକ୍ତରଙ୍କୁ ଦୁର୍ବ୍ୟବହାର କରି ୨ ଗିରଫ

**ନିମାପଡ଼ା(ଡି.ଏନ୍.ଏ.):** ନିମାପଡ଼ା ଥାନା ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଡ଼ଇଟାପୋଖରୀ ଗ୍ରାମର ନିରଞ୍ଜନ ପାତ୍ର, ନୃପଦ ପାତ୍ର। ଏ ନେଇ ପୋଲିସ ନଂ.୧୯୦/୨୦ରେ ମାମଲା ରୁଜୁ କରିଛି। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନିରଞ୍ଜନ ଓ ନୃପଦଙ୍କ ସହ ଅନ୍ୟ କେତେଜଣ ମାସ୍କ ନ ପିନ୍ଧି ବୁଲୁଥିଲେ। ଡା. ଅଭିନନ୍ଦନ ମହାପାତ୍ର ତାଙ୍କୁ ଏନେଇ ପଚାରିବାରୁ ସେମାନେ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏ ନେଇ ଡା. ମହାପାତ୍ର ଚାରିଛକ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଯୁବକଦ୍ୱୟଙ୍କୁ ପଚରାଉଚରା ପରେ ଗିରଫ କରିଛି।

## ସଂକ୍ଷେପରେ

### ଚୌଦ୍ୱାର କଲେଜର ପାସ୍ ହାର ୯୨%

**ଚୌଦ୍ୱାର,୧୯।୮(ଡି.ଏନ୍.ଏ.):** ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ଚୌଦ୍ୱାର କଲେଜରେ ପାସ୍‌ହାର ୯୧.୮୯ପ୍ରତିଶତ ହୋଇଥିବା ଜଣାପଡ଼ିଛି। ପରୀକ୍ଷା ଦେଇଥିବା ମୋଟ ୭୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ଜଣ ଏବଂ ତୃତୀୟ ଶ୍ରେଣୀରେ ୧୩ଜଣ ପାସ୍ କରିଥିବା କଲେଜ ଅଧକ୍ଷା ସବିତା କର ସୂଚନା ଦେଇଛନ୍ତି । ଜଣେ ପରୀକ୍ଷାର୍ଥୀଙ୍କ ଫଳ ସ୍ଥଗିତ ରହିଥିବା ଜଣାପଡ଼ିଛି।

### ଖୋର୍ଦ୍ଧା: ୧୩୧ ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୧୯।୮:** ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ବୁଧବାର ୧୩୧ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୩୯ ଜଣ ସୁସ୍ଥ ପରେ ଘରକୁ ଫେରିଥିବା ଜିଲାପାଳ ସନତ ମହାନ୍ତି ଟୁଇଟ୍ କରି ଜଣାଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଣପୁରରୁ ୧୨, ବାଲୁଗାଁ ୨୧, ଟାଙ୍ଗୀ ୯, ଖୋର୍ଦ୍ଧା ୮, ବେଗୁନିଆ ୧୫, ବୋଲଗଡ଼ ୯, ଜଟଣୀ ୮, ମେଣ୍ଢାଶାଳ ୭, ବାଲକାଟୀ ୧୩, ବାଲିପାଟଣା ୧୦ ଏବଂ ଡିଡିଏଚ୍‌ରୁ ୧୯ଜଣ ରହିଛନ୍ତି। ଗତ ୧୭ ତାରିଖ ସୁଦ୍ଧା ଜିଲାରେ ୩୩,୦୯୦ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆଇଟିପିସିଆର୍‌ରେ ୨୦,୦୯୬, ରାପିଡ୍ ଆଣ୍ଟିଜେନ ଟେଷ୍ଟ ୧୨,୮୧୧ ଏବଂ ଟ୍ରୁ ନଟ୍‌ରେ ୧୮୩ ଜଣଙ୍କ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୨୭୩୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୧୬୩ ଜଣ ସୁସ୍ଥ ହୋଇଛନ୍ତି। ୧୫୪୬ ଜଣ ସକ୍ରିୟ ରହିଛନ୍ତି। ଏପର୍ଯ୍ୟନ୍ତ ୨୧ଜଣଙ୍କ ମୃତ୍ୟୁ ଘଟିଛି। ଗତ ୩ଦିନର ସଂକ୍ରମିତ ସଂଖ୍ୟାକୁ ମିଶାଇ ୩୦୬୬ ଜଣ ଆକ୍ରାନ୍ତ ହୋଇଛନ୍ତି।

### ସରଳା ଦେବୀଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ,୧୯।୮:** ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ସାହିତ୍ୟ ସଂସଦରେ ସରଳା ଦେବୀ ଫାଉଣ୍ଡେଶନ ପକ୍ଷରୁ ବୁଧବାର ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜୟ ନାୟକ ଯୋଗଦେଇ କହିଥଲେ ଯେ, ସରଳା ଦେବୀ ଥିଲେ ସେବା, ସଂଗ୍ରାମ ଓ ସାହିତ୍ୟର ତ୍ରିବେଣୀ ସଙ୍ଗମ। ସମ୍ମାନିତ ଅତିଥି ଥିବା ସାହିତ୍ୟିକ ପ୍ରଫେସର ଗିରିଜା ଶଙ୍କର ବେହେରା କହିଥିଲେ ଯେ, ସରଳା ଦେବୀ ଜଣେ ଦକ୍ଷ ବିଧାୟିକା ଥିଲେ। ସେ ବାଲ୍ୟ ବିବାହ, ଯୌତୁକ ଓ ଦାସୀ ପ୍ରଥାର ମୂଳୋତ୍ପାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ଡ. ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଚୌଧୁରୀ ସତ୍ୟ ଦାସ, କବିତା ମହାପାତ୍ର, ସାମାଜିକ କର୍ମୀ ଦେବୀପ୍ରସନ୍ନ ମହାପାତ୍ର ସରଳା ଦେବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବିଜ୍ଞାନ ଅପେକ୍ଷା ବାଣିଜ୍ୟରେ ଭଲ ଫଳ

କଟକ ଅଫିସ,୧୯।୮

- ଟପ୍ ଟେନ୍‌ରେ ରେଭେନ୍‌ଶାରୁ ୨
- ଶ୍ରେଷ୍ଠ ୪୦ରେ କଟକର ୨ ଶିକ୍ଷାନୁଷ୍ଠାନରୁ ୭ ଛାତ୍ରୀଛାତ୍ର
- ରେଭେନ୍‌ଶାରୁ ୬, ଶୈଳବାଳାରୁ ଜଣେ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷର ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଟପ୍ ଟେନ୍‌ରେ ରେଭେନ୍‌ଶା ଉଚ୍ଚମାଧ୍ୟମିକ ସ୍କୁଲର ୨ ଜଣ ରହିଛନ୍ତି। ସେହିପରି ରାଜ୍ୟର ଶ୍ରେଷ୍ଠ ୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ କଟକ ସହରର ଦୁଇଟି ଶିକ୍ଷାନୁଷ୍ଠାନରୁ ୭ ଜଣ ସ୍ଥାନ ପାଇଛନ୍ତି। ଏଥିରେ ରେଭେନ୍‌ଶା ଜୁନିୟର କଲେଜରୁ ୬ ଜଣ ଓ ଶୈଳବାଳା କନିଷ୍ଠ ମହିଳା ମହାବିଦ୍ୟାଳୟରୁ ଜଣେ ଛାତ୍ରୀ ରହିଛନ୍ତି। ସମସ୍ତେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି।

କିଛିଦିନ ତଳେ ପ୍ରକାଶ ପାଇଥିବା ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାଫଳରେ ରାଜ୍ୟର ଶ୍ରେଷ୍ଠ ଶହେ ଭିତରେ କଟକର କୌଣସି ପ୍ରମୁଖ ସରକାରୀ କଲେଜ ସ୍ଥାନ ପାଇ ନ ଥିଲେ। ଏପରିକି ରେଭେନ୍‌ଶା ଭଳି ସର୍ବପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟ ଏଥିରୁ ବାଦ୍ ପଡ଼ିଥିଲା। କିନ୍ତୁ ବାଣିଜ୍ୟ ପରୀକ୍ଷା ଫଳରେ ସହରର ବିଭିନ୍ନ କଲେଜଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ରେଭେନ୍‌ଶାରେ ପାସ୍‌ହାର ୯୬.୭ ପ୍ରତିଶତ ରହିଛି। ଚଳିତବର୍ଷ ୨୪୫ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୯୯ ଜଣ ପ୍ରଥମ, ୨୦ ଜଣ ଦ୍ୱିତୀୟ ଓ ୧୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିଭଳି ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ୧୨୪ ଜଣ ପରୀକ୍ଷା ଦେଇଥିଲେ। ସେଥିରେ ୨୭ ଜଣ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୫୭ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ପାସ୍‌ହାର ୮୮ ପ୍ରତିଶତ ରହିଛି। ଶୈଳବାଳା କନିଷ୍ଠ ମହିଳା ମହାବିଦ୍ୟାଳୟରେ ୬୪ ଜଣ ପରୀକ୍ଷା ଦେଇଥିବାବେଳେ ୪୭ ଜଣ ପ୍ରଥମ, ୧୪ ଜଣ ଦ୍ୱିତୀୟ ଓ ୩ ଜଣ ତୃତୀୟ ସ୍ଥାନ ଲାଭ କରିଛନ୍ତି। ସେଠାରେ ଶତ ପ୍ରତିଶତ ପାସ୍‌ହାର ରହିଛି।

### ବିଜ୍‌ନେସ୍‌ମ୍ୟାନ୍ ହେବାକୁ ଇଚ୍ଛା



ଆଶା ଥିଲା ୯୦ ପ୍ରତିଶତ ମାର୍କ ରଖିବି। ମୋର ୫୪୮ ମାର୍କ ରହିଛି। କୌଣସିଥିରେ ବି ମାର୍କ କମିନାହିଁ। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଯାହା କଲେଜରେ ପଢ଼ାଯାଉଥିଲା ଘରେ ତାଙ୍କୁ ପୁନଃ ରିଭିଜନ କରୁଥିଲି। ଭବିଷ୍ୟତରେ ବିଜିନେସମ୍ୟାନ୍ ହେବାକୁ ଲକ୍ଷ୍ୟ ରଖିଛି।

- ଆନାସ୍ଥାସିଆ ମହାନ୍ତି, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ

### ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି



ମୋର ୫୪୪ ମାର୍କ ରହିଛି। ଟ୍ୟୁଶନ ଓ କଲେଜ କ୍ଲାସରେ ସବୁବେଳେ ପାଠପଢ଼ା ଉପରେ ଫୋକସ କରୁଥିଲି। ପରୀକ୍ଷା ପୂର୍ବରୁ ସମସ୍ତ କୋର୍ସ ମୋର ସରିଯାଇଥିଲା। ପରିଶ୍ରମ ଅନୁଯାୟୀ ଫଳ ଆସିଛି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି।

- କେଶବ ଝୁନ୍‌ଝୁନ୍‌ୱାଲା, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ

### ଗଣିତ ପାଇଁ ଭଲ ଫଳ ପାଇଲି



ପରୀକ୍ଷା ପାଇଁ ଚିନ୍ତାରେ ଥିଲି। ମୋର ୫୪୪ ମାର୍କ ରହିଛି। ଗଣିତ ଉପରେ ବେଶୀ ଗୁରୁତ୍ୱ ଦେଇଥିଲି। ସେଥିପାଇଁ ଫଳ ଭଲ ହୋଇଛି। ଭବିଷ୍ୟତରେ କ'ଣ ହେବି, ଏଯାଏ ଲକ୍ଷ୍ୟ ରଖିନି। ଏବେ ସ୍ନାତକ କରିବି। ମୋ ସଫଳତାର ଶ୍ରେୟ ମା', ବାପା, ଶିକ୍ଷକ ଓ ସହପାଠୀଙ୍କୁ ଦେବି।

- ସୌମିଲ ସୁର, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ

# ରେଗୁଲାର ପାସ୍ ହାର ୯୫, ଏକ୍ସ ରେଗୁଲାର ୬୬ %

ପୁରୀ ଅଫିସ,୧୯।୮

ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ଉଚ୍ଚ ମାଧ୍ୟମିକ ସ୍କୁଲର ରେଗୁଲାର ପାସ୍ ହାର୍ ୯୫.୨୬% ରହିଥିବାବେଳେ ଏକ୍ସ ରେଗୁଲାରରେ ପାସ୍ ହାର ୬୬.୪୭% ରହିଛି। ରେଗୁଲାରରେ ୨୫୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୪୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୧୬୩, ଦ୍ୱିତୀୟରେ ୫୦ ଏବଂ ତୃତୀୟ ଶ୍ରେଣୀରେ ୨୮ ଜଣ ପାସ୍ କରିଛନ୍ତି। ୧୨ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୮ ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ଦ୍ୱିତୀୟ ଶ୍ରେଣୀରେ ଜଣେ ଏବଂ ତୃତୀୟ ଶ୍ରେଣୀରେ ୭ ଜଣ ପାସ୍ କରିଥିବାବେଳେ ୩ଜଣ ଫେଲ୍ ହୋଇଛନ୍ତି।

ଏସ୍‌ସିଏସ୍ ଉଚ୍ଚ ମାଧ୍ୟମିକ ସ୍କୁଲର ବଦ୍ରିନାଥ

**ଏସ୍‌ସିଏସ୍ ଉଚ୍ଚ ମାଧ୍ୟମିକ ସ୍କୁଲ**

ଖୁଣ୍ଟିଆ ୫୪୭, ସଞ୍ଚିତା ଦାସ ୫୨୭, ବିଭୂତି ରଞ୍ଜନ ରାୟ ୫୨୫, ଅନିମା ସାହୁ ୫୨୩, ଦୀଶା ଅଗ୍ରୱାଲ ୫୧୬, ସାଗର ଚନ୍ଦ୍ର ସାହୁ ୫୧୩, ରୁନାମଣି ପାତ୍ର ୫୧୧, ରୁଦ୍ରପ୍ରସାଦ ସାହୁ ୫୦୯, ଅତିଶ କୌଶିକ ଦାସ ୫୦୯, ମହେନ୍ଦ୍ର ପ୍ରତାପ ଭଞ୍ଜଦେ ୫୦୮ ନମ୍ବର ରଖିଛନ୍ତି। ସେହିପରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ରେଗୁଲାରରେ ୩୩ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୮ ଜଣ ପାସ୍ କରିଛନ୍ତି। ଏଥିମଧ୍ୟରେ ପ୍ରଥମ ଶ୍ରେଣୀରେ ୫, ଦ୍ୱିତୀୟ ୫ ଏବଂ ତୃତୀୟ ସ୍ଥାନରେ ୧୮ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫ ଜଣ ଫେଲ୍ ହୋଇଛନ୍ତି। ଏକ୍ସ ରେଗୁଲାରରେ ସମସ୍ତ ୪ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ପୁରୀ ଉତ୍କଳ ବାଳାଶ୍ରମର କ୍ରିଷ୍ଟିନ୍ ଡିଗଲ ୭୮% ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ନିରାକାରପୁର କଲେଜରେ ପାସ୍ ହାର ୮୭%

**ନିରାକାରପୁର,୧୯।୮(ଡି.ଏନ.ଏ.):** ରାଜ୍ୟରେ ଯୁକ୍ତ ଦୁଇର ବାଣିଜ୍ୟ ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ଜିଲା ନିରାକାରପୁରରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଶତକଡ଼ା ୮୭ ଭାଗ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ମୋଟ ୨୪୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ପ୍ରଥମ ଶ୍ରେଣୀରେ ୭୯, ଦ୍ୱିତୀୟ-୧୧୮ ଓ ତୃତୀୟରେ ୨୬ଜଣ ପାସ କରିଥିବା ବେଳେ ୨ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। ଛାତ୍ର ଆଶୁତୋଷ ପେଣ୍ଠୋଇ ୫୨୨ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ପ୍ରଭାତୀ ମଙ୍ଗରାଜ ୫୨୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବୋଲି କଲେଜ ଅଧକ୍ଷ ଅଶୋକ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି।

# ଗେଷ୍ଟ ହାଉସ୍‌ରେ ଦେୟଯୁକ୍ତ ସଙ୍ଗରୋଧ ସୁବିଧା

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଭୁବନେଶ୍ୱରରେ ନିଜ ଅର୍ଥରେ ଗେଷ୍ଟ ହାଉସ୍‌ରେ ରହିପାରିବେ ଲକ୍ଷଣ ନ ଥିବା କରୋନା ଆକ୍ରାନ୍ତ। ଏ ସଂକ୍ରାନ୍ତରେ ବିଏମ୍‌ସି ପକ୍ଷରୁ ନୂଆ ଆଦେଶନାମା ପ୍ରକାଶ ପାଇଛି। ପୂର୍ବରୁ ଦେୟଯୁକ୍ତ ସଙ୍ଗରୋଧ ବ୍ୟବସ୍ଥା ପାଇଁ ବିଭିନ୍ନ ହୋଟେଲକୁ ଅନୁମତି ମିଳିଥିଲା। ବୁଧବାର ଓୟୋ ହୋଟେଲ ଆଣ୍ଡ ରୁମ୍‌ସ ସଂସ୍ଥାକୁ ବିଏମ୍‌ସି ଅନୁମତି ଦେଇଛି। ଉକ୍ତ ସଂସ୍ଥାର ଘାଟିକିଆ ଅଞ୍ଚଳରେ ଥିବା ଏମ୍‌ଏ ସମ୍ ପ୍ୟାଲେସ୍, ଚନ୍ଦକା ଶିକ୍ଷାଞ୍ଚଳ ଏନ୍‌ଏ ଗେଷ୍ଟ ହାଉସ୍ ଓ ଚନ୍ଦ୍ରଶେଖରପୁରସ୍ଥିତ ଏମ୍‌ଏ କ୍ଲାସିକାଲ୍ ଇନ୍‌ରେ ଦେୟଯୁକ୍ତ ଏକାନ୍ତବାସ ସୁବିଧା ଉପଲବ୍ଧ ହେବ। ଏଗୁଡ଼ିକରେ ଏସି ଏବଂ ନନ୍‌ଏସି ୩୭ଟି ରୁମ୍‌ର ବ୍ୟବସ୍ଥା ରହିଛି। ଏଠାରେ ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ମିଳିବ। ଅତି କମ୍‌ରେ ୧୦ଦିନ କିମ୍ବା ଡାକ୍ତରଙ୍କ ପରାମର୍ଶକ୍ରମେ ଆଉକିଛି ଦିନ ରହିପାରିବେ। ଏଠାରୁ ଫେରିବା ପରେ ବାଧ୍ୟତାମୂଳକ ଭାବେ ଘରେ ୭ଦିନ ସଙ୍ଗରୋଧରେ ରହିବେ। ଗେଷ୍ଟ ହାଉସ୍‌ରେ ରହିବା ଓ ଖାଇବା ପାଇଁ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ। ଆକ୍ରାନ୍ତଙ୍କୁ ବିଏମ୍‌ସି ନିର୍ଦ୍ଧାରିତ ଭଡ଼ା ଦେବାକୁ ପଡିବ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଆକ୍ରାନ୍ତ ବାହାରକୁ ବାହାରି ପାରିବେ ନାହିଁ। କର୍ତ୍ତୃପକ୍ଷ କୋଭିଡ୍-୧୯ର ଗାଇଡ୍‌ଲାଇନ୍ସ ଏବଂ ବିଏମ୍‌ସି ନିର୍ଦ୍ଧାରିତ କଟକଣାକୁ ଅନୁପାଳନ କରିବେ ବୋଲି ନିର୍ଦ୍ଦେଶନାମାରେ ସୂଚିତ ରହିଛି।



ଓଡ଼ିଶା ପର୍ଯ୍ୟଟନ ସହଯୋଗରେ ବନ ବିଭାଗର ବନ୍ୟପ୍ରାଣୀ ଶାଖା ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ କୋଭିଡ୍ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟର ବିଭିନ୍ନ ଇକୋଟୁରିଜମ୍ କ୍ଷେତ୍ରରେ କାର୍ଯ୍ୟରତ ମ୍ୟାନେଜର ଓ ଅନ୍ୟମାନେ।

# ୨୨ରେ ଭାରତ ପ୍ରତିଭା ସମ୍ମାନ ଉତ୍ସବ

କଟକ ଅଫିସ,୧୯।୮

**ସମ୍ମାନିତ ହେବେ ୯ ପ୍ରତିଭା**

ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ସବୁବର୍ଷ ଭଳି ପୂଜ୍ୟପୂଜା ପରମ୍ପରାକୁ ଅବ୍ୟାହତ ରଖି ଚଳିତ ବର୍ଷ ୨୧ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଅଗଷ୍ଟ ୨୨ରେ ବାରଙ୍ଗସ୍ଥିତ ରାମଦାସପୁର କାରଖାନା ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ। କରୋନା ଯୋଗୁ ଏ ବର୍ଷ ନିରାଡମ୍ବର ଓ ସ୍ୱଳ୍ପ ଉପସ୍ଥାନରେ ଉତ୍ସବ କରାଯିବ। ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଭାରତ ଗୌରବ ସମ୍ମାନ, ଗାୟତ୍ରୀ ସରାଫଙ୍କୁ କଥା ଭାରତ ସମ୍ମାନ, ଡାକ୍ତର ଚିତ୍ତରଞ୍ଜନ କରଙ୍କୁ ସେବା ଭାରତ ସମ୍ମାନ, ରଶ୍ମିରଞ୍ଜନ ପରିଡ଼ାଙ୍କୁ କ୍ରୀଡ଼ା ଭାରତ ସମ୍ମାନ, ଏଲିନା ସାମନ୍ତରାୟଙ୍କୁ ସଂସ୍କୃତି ଭାରତ ସମ୍ମାନ ଦିଆଯିବ। ସେହିପରି ଚଳିତବର୍ଷର ବିଭିନ୍ନ ପରୀକ୍ଷାରେ ଶ୍ରେଷ୍ଠ ହୋଇଥିବା ସୁଦୀପ ସୁଦର୍ଶନ ରଣା, ଅମୃତା ନନ୍ଦ, ଶୁଭାଙ୍ଗୀ ଦାସ ଓ ଖୁସି ଅଗ୍ରୱାଲଙ୍କୁ ବିଦ୍ୟା ଭାରତ ସମ୍ମାନ ପ୍ରଦାନ କରାଯିବ। ଫାଉଣ୍ଡେଶନ ପକ୍ଷରୁ ପ୍ରେସ ବିଜ୍ଞପ୍ତିମରେ ଏହି ସୂଚନା ଦିଆଯାଇଛି।

# ବୀମା ଟଙ୍କା ପାଇଁ ନିଆଁ ଲଗାଇଥିଲେ

ପିପିଲି,୧୯।୮(ସ୍ୱ.ପ୍ର.)

- ସାତଶଙ୍ଖ ଦୋକାନ ପୋଡ଼ି ଘଟଣା
- ମାଲିକ ଓ ଭାଇଙ୍କ ସମେତ ୫ ଗିରଫ

ପିପିଲି ଥାନା ଅଧୀନ ସାତଶଙ୍ଖ ବଜାରରେ ଦୋକାନ ଲୁଟ୍, ପୋଡ଼ି ଘଟଣାର ନୂଆ ମୋଡ଼ ନେଇଛି। ବୀମା ଟଙ୍କା ପାଇବା ପାଇଁ ଅଭିଯୋଗକାରୀ ହିଁ ନିଜ ଦୋକାନରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଦୋକାନ ମାଲିକ ଓ ତାଙ୍କ ଭାଇଙ୍କ ସମେତ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ରଥପୁରୁଷୋତ୍ତମପୁର ଗ୍ରାମର ସନ୍ତୋଷ କୁମାର ସାହୁ, ଭାଇ ପ୍ରତାପ ସାହୁ, ମନୋଜ ସାହାଣୀ, କୃଷ୍ଣଚନ୍ଦ୍ର ସାହାଣୀ ଓ ଉମେଶ ବଳ। ସେମାନଙ୍କଠାରୁ ଏକ କାର୍, ଗୋଟିଏ ବାଇକ୍, ନଗଦ ୩୪ଶହ ଟଙ୍କା ସମେତ ଏକ ଦୋକାନରୁ ଚୋରି ସାମଗ୍ରୀ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ସାତଶଙ୍ଖ ବଜାରରେ ଥିବା ସନ୍ତୋଷଙ୍କ ଏକ ଦୋକାନରେ ନିଆଁ ଲାଗିଥିବା ନେଇ ଗତ ୧୭ତାରିଖରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୨୩୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପିପିଲି ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ ଆରମ୍ଭ କରିଥିବାବେଳେ ପ୍ରଥମେ ଦୋକାନ ଘର ନିକଟରୁ ଏକ ବୋତଲ ପାଇଥିଲେ। ବୋତଲଟି ପେଟ୍ରୋଲ ଗନ୍ଧ ହେବାରୁ ଏହା କିପରି ଓ କେଉଁ ଜାଗାରୁ ଏଠାକୁ ଆସିଲା ଖୋଳତାଡ଼ କରିବାରୁ ସ୍ଥାନୀୟ ଡେଇଁଶିପୁର ପେଟ୍ରୋଲ ପମ୍ପରେ ପଚାରିଥିଲେ। ଏହି କଥା ପୋଲିସ ଦୋକାନୀ ସନ୍ତୋଷଙ୍କୁ ଜଣାଇବାରୁ ହଡ଼ବଡେଇ ଯିବାରୁ ସନ୍ଦେହ ହୋଇଥିଲା। ପରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ ସିସିଟିଭି ଫୁଟେଜରେ କୃଷ୍ଣଚନ୍ଦ୍ର ଓ ଉମେଶ ପେଟ୍ରୋଲ ନେଇଥିବା ଦେଖିଥିଲେ। ସେମାନଙ୍କୁ ଥାନାକୁ ଆଣି ପଚାରିବାରେ ପ୍ରତାପଙ୍କ କହିବା ଅନୁଯାୟୀ ଏଭଳି କରିଥିବା କହିଥିଲେ। ପରେ ପ୍ରତାପଙ୍କୁ ପଚାରିବାରୁ ଭାଇ କହିବା ଅନୁଯାୟୀ ନିଜ ଦୋକାନ ପୋଡ଼ିବା ସହ ନିକଟସ୍ଥ ୨ଟି ଦୋକାନରୁ ଚୋରି କରିବା ପାଇଁ ମଧ୍ୟ କହିଥିଲେ। ଶେଷରେ ସନ୍ତୋଷଙ୍କୁ ପଚାରିବାରୁ ବୀମା ଟଙ୍କା ପାଇବା ପାଇଁ ୨ସହଯୋଗୀଙ୍କ ଜରିଆରେ ନିଆଁ ଲଗାଇଥିବା କଥା ସ୍ୱୀକାର କରିଥିଲେ। ସେମାନଙ୍କର ଜାମିନ ଆବେଦନ ଖାରଜ ହୋଇଯିବାରୁ ନିମାପଡାସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଯାଇଥିବା ଥାନା ଅଧିକାରୀ ପୃଷ୍ଟି କହିଛନ୍ତି।

# ପୁରୀ: ଗୋଟିଏ ଦିନରେ ୨୩୫ ସଂକ୍ରମିତ

ପୁରୀ ଅଫିସ୍,୧୯।୮

ପୁରୀ ଜିଲାରେ ବୁଧବାର ରେକର୍ଡ ସଂଖ୍ୟକ ୨୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟିରୁ ୭୭ଜଣ ରହିଥିବାବେଳେ ବିଭିନ୍ନ ବ୍ଲକରୁ ୧୫୮ ଜଣ ଚିହ୍ନଟ ହୋଇଛନ୍ତି ଏହାକୁ ନେଇ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାବାସୀଙ୍କ ଚିନ୍ତା ବଢିଯାଇଛି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨,୧୩୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧,୨୨୦ ସୁସ୍ଥ ହୋଇଥିବାବେଳେ ୯୦୮ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାର ୯ ଜଣଙ୍କ ମୃତ୍ୟୁ ଘଟିଲାଣି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୫,୨୦୯ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବାବେଳେ ୨,୧୩୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୫୭.୧୪ ପ୍ରତିଶତ।



ପୁରୀ ବେଳାଭୂମିରେ ବୁଧବାର ଲଘୁଚାପ ଯୋଗୁ ଲହଡ଼ି ମାଡ଼ିଆସିଛି।

# ଭୁବନେଶ୍ୱର: ଦିନକରେ ୩୭୦, ବସ୍ତିରୁ ୮୦

## ସଂକ୍ରମଣ ଉପରମୁହାଁ, ୬୦ହଜାର ଡେଇଁଲା

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

- ଏକାଥରେ ୧୬୬ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ
- ପୁଣି ୧୫୦ ସୁସ୍ଥ, ଆରୋଗ୍ୟ ସଂଖ୍ୟା ୩୮୪୦କୁ ବୃଦ୍ଧି

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ସଂକ୍ରମଣ ଉପରମୁହାଁ ହୋଇଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟାରେ ରେକର୍ଡ ଭାଙ୍ଗୁଛି। ଶେଷ ଦିନକରେ ଖୋର୍ଦ୍ଧା ଜିଲାରୁ ରାଜ୍ୟର ସବୁଠାରୁ ଅଧିକ ୪୬୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୩୭୦ଜଣ କେବଳ ଭୁବନେଶ୍ୱରରୁ ରହିଛନ୍ତି। ସଙ୍ଗରୋଧରୁ ୨୦୪ ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଥିବାବେଳେ ସ୍ଥାନୀୟ ଆକ୍ରାନ୍ତ ୧୬୬ଜଣ ରହିଛନ୍ତି। ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରେ ୧୯୭ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବାବେଳେ ୭ ଜଣଙ୍କର ରାଜ୍ୟ ବାହାରର ଗସ୍ତ ବିବରଣୀ ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୦୭୭କୁ ବୃଦ୍ଧି ପାଇଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ପୁଣି ବସ୍ତିରେ ସଂକ୍ରମଣ ହୁହୁ ବଢ଼ିଗଲାଣି। ନୂଆ ଚିହ୍ନଟଙ୍କ ମଧ୍ୟରେ ବସ୍ତି ଅଞ୍ଚଳରୁ ୮୦ଜଣ ରହିଛନ୍ତି। କେବଳ ବାଣୀବିହାର ପଥରବନ୍ଧ ବସ୍ତିରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀ, ପୁରୁଣା ଭୁବନେଶ୍ୱର, ସାଲିଆସାହି, ଖଣ୍ଡଗିରି ଅଞ୍ଚଳରେ ଥିବା ପାଖାପାଖି ୧୦ ବସ୍ତିରୁ ଆଉ ୬୩ ପଜିଟିଭ୍ ବାହାରିଛନ୍ତି। ଏବେ ବସ୍ତିରେ ସଂକ୍ରମଣ ବ୍ୟାପୁଥିଲେ ମଧ୍ୟ ନିୟମିତ ଟେଷ୍ଟିଂ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବସ୍ତିବାସିନ୍ଦା ଓ ସ୍ଥାନୀୟ ସଂଘ ପକ୍ଷରୁ ବିଏମ୍‌ସିକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କ୍ୟାମ୍ପ ପଡୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସଂକ୍ରମଣ ଭୟରେ ସଚେତକ ଟିମ୍ କିମ୍ବା ୱାର୍ଡ ଅଫିସରଙ୍କର ଆଉ ପାଦ ପଡୁ ନ ଥିବା ମଧ୍ୟ ଜଣାପଡିଛି। ଉପରିସ୍ଥ ଅଧିକାରୀମାନେ ମଧ୍ୟ ଅଭିଯୋଗକୁ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ସଂକ୍ରମଣ ଆଗକୁ ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି। ତେବେ ପଥରବନ୍ଧ ଆକ୍ରାନ୍ତଙ୍କୁ ବାଦ୍ ଦେଲେ ରିଜର୍ଭ ପୋଲିସ୍ କଲୋନୀରୁ ୮ ଜଣ, ନୀଳାଦ୍ରିବିହାର ରିକ୍ସା କଲୋନିରୁ ୬ଜଣ, ଡୁମୁଡୁମା ବରାବରି ସାହି, ଡୁମୁଡୁମା ହାଉସିଂବୋର୍ଡ କଲୋନି, ସରକନ୍ତରା, ଘରୋଇ ହସ୍ପିଟାଲ, ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଓ ୟୁନିଟ୍-୬ ରାଧାକ୍ରିଷ୍ଣ ବସ୍ତିରୁ ୫ ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଭିଏସ୍‌ଏସ୍ ନଗର, ରସୁଲଗଡ଼, ପାଣ୍ଡରା, ନୟାପଲ୍ଲୀ, ୭ମ ବାଟାଲିଅନ୍, ଗଜପତି ନଗର, ଚିନ୍ତାମଣିଶ୍ୱର ମୁଢ଼ି ଫ୍ୟାକ୍ଟ୍ରି, ଚିନ୍ତାମଣିଶ୍ୱର ମୁଖ୍ୟ ଅଞ୍ଚଳରୁ ୪ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ପ୍ରଶାନ୍ତି ବିହାର, ଆଚାର୍ଯ୍ୟ ବିହାର ବିଶ୍ୱେଶ୍ୱର ବସ୍ତି, ଭରତପୁର, ଚକେଇସିହାଣୀ, ମଞ୍ଚେଶ୍ୱର, ନୟାପଲ୍ଲୀ ବେହେରାସାହି, ନିଳାଦ୍ରୀବିହାର ହରେକୃଷ୍ଣ ବସ୍ତି, ପୋଖରୀପୁଟ, ଶୈଳଶ୍ରୀବିହାର କଲୋନି, ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟ, ସତ୍ୟବିହାର, ୟୁନିଟ୍-୬ରୁ ୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ଶହୀଦନଗରରୁ ୧୦ଜଣ, ବାଲିଆପଡ଼ା ବସ୍ତିରୁ ୭ଜଣ, ପ୍ରଶାନ୍ତିବିହାର, ୟୁନିଟ୍-୯, ପଟିଆ, ଶିଖରଚଣ୍ଡୀବିହାରରୁ ୫ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ବଡ଼ଗଡ଼ ବ୍ରିଟ୍ କଲୋନି, ନୀଳାଦ୍ରିବିହାର ଓ ଶୈଳଶ୍ରୀବିହାରରୁ ୪ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ସତ୍ୟନଗର, ରେଣ୍ଟାଲ କଲୋନି, ରବୀନ୍ଦ୍ରମଣ୍ଡପ ନିକଟ, ଖଣ୍ଡଗିରି, ଝାରପଡ଼ା, ବରମୁଣ୍ଡା, ବାଣୀବିହାର ପଥରବନ୍ଧରୁ ୩ଜଣ ଲେଖାଏ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଅନ୍ୟ ଅଞ୍ଚଳରୁ ୨ଜଣ ଓ ଜଣେ ଲେଖାଏ ପଜିଟିଭ୍ ବାହାରିଛନ୍ତି। ଅପରପକ୍ଷେ ବୁଧବାର ଆଉ ୧୫୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୩୮୪୦ରେ ପହଞ୍ଚିଛି। ବର୍ତ୍ତମାନ ୨୨୦୧ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି ଓ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

### ବିଏମ୍‌ସି, ଜିଲା ପ୍ରଶାସନର ତଥ୍ୟକୁ ନେଇ ଦ୍ୱନ୍ଦ୍ୱ

କୋଭିଡ୍ ତଥ୍ୟରେ ତାଳମେଳ ରହୁନାହିଁ। ଖୋର୍ଦ୍ଧା ଜିଲା ପ୍ରଶାସନ ଓ ବିଏମ୍‌ସି ଦ୍ୱାରା ଦିଆଯାଉଥିବା ତଥ୍ୟକୁ ନେଇ ଲୋକେ ସବୁବେଳେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ବୁଧବାର ପୁଣି ଏହାର ପୁନରାବୃତ୍ତି ଘଟିଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ବିଏମ୍‌ସି ଅଞ୍ଚଳରେ ଏଯାବତ୍ ୬୦୫୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯେଉଁଥିରୁ ୨୬୫୦ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ୩୩୭୬ ସୁସ୍ଥ, କରୋନାଜନିତ ମୃତ୍ୟୁ ୩୨ ଓ ଅଣକରୋନା ୬ ରହିଛି। ହେଲେ ବିଏମ୍‌ସି ତଥ୍ୟରେ ଏଯାବତ୍ ୬୦୭୭ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୨୦୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ୩୮୪୦ଜଣ ସୁସ୍ଥ ହୋଇଥିବାବେଳେ ୩୦ ଜଣଙ୍କର କରୋନାଜନିତ ହୋଇଥିବା ଉଲ୍ଲେଖ ରହିଛି।

